# ପୃଥକ୍ ଦୁର୍ଘଟଣାରେ ବ୍ୟାଙ୍କ ଅଧିକାରୀଙ୍କ ସହ ୩ ମୃତ

ଭଞ୍ଜନଗର,୫ ।୩(ସମିସ)

ଭଞ୍ଜନଗର ଥାନା ଅନ୍ତର୍ଗତ ଡହ ରାସ୍ତାରେ ବୁଧବାର ସନ୍ଧ୍ୟା ୫ଟାରେ ଏକ କାର୍ ଦୁର୍ଘଟଣାଗ୍ରସ୍ତ ହୋଇଥିବାବେଳେ ଏଥିରେ ଥିବା ସୋରଡ଼ା ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆର ଶାଖା ପରିଚାଳକ ସୁନିଲ କୁମାର ଭତ୍ରା (୪୦)ଙ୍କ ମୃତ୍ୟୁ ଘଟିଛି। ତାଙ୍କସହ ଥିବା ଆଉଜଣେ କର୍ମଚାରୀ ଅନୁରାଗ ଖୁଣ୍ଟିଆ ଆହତ ହୋଇଛନ୍ତି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ବୁଧବାର ହୋଲି ପର୍ବ ଥିବାରୁ ଶାଖା ପରିଚାଳକ ଏବଂ ଅନ୍ୟ କର୍ମଚାରୀମାନେ ମିଶି ଡହ ଜଳଭଣ୍ଡାରକୁ ଭୋଜି କରିବାକୁ ଯାଇଥିଲେ। ଭୋଜି ଖାଇବା ପରେ ଶାଖା ପରିଚାଳକ ଏବଂ ଅନ୍ୟ ଜଣେ ମିଶି ଫେରିବାବେଳେ କାର୍‌ଟି ଡହ ନିକଟରେ ରାସ୍ତା କଡ଼ରେ ଥିବା ଏକ ଗଛରେ ପିଟି ହୋଇଯାଇଥିଲା। ଫଳରେ ଉଭୟ ଆହତ ହୋଇଥିଲେ। ଶିକ୍ଷକ ନେତା ଜଗବନ୍ଧୁ ଜେନା ଏହି ସମୟରେ ସେହି ରାସ୍ତାରେ ଆସୁଥିବାବେଳେ ଆହତଙ୍କୁ ଉଦ୍ଧାର କରିଥିଲେ। ଏହାପରେ ଦମକଳବାହିନୀ ସେମାନଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଭଞ୍ଜନଗର ହସ୍ପିଟାଲ ଆଣିଥିଲେ। ମେଡିକାଲରେ ଡାକ୍ତର ଶାଖା ପରିଚାଳକ ସୁନିଲ କୁମାର ଭତ୍ରାଙ୍କୁ ମୃତ ଘୋଷଣା କରିଥିଲେ।

**ଦିଗପହଣ୍ଡି:** ଦିଗପହଣ୍ଡି ଥାନା ମହୁରୀକାଳୁଆ ନିକଟ ଅନନ୍ତେଇ ଗ୍ରାମ ରାସ୍ତାରେ ଘଟିଥିବା ସଡ଼କ ଦୁର୍ଘଟଣାରେ ଜଣେ ଅଟୋ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗୋଳନ୍ଥରା ଥାନା ଗୋବିନ୍ଦନଗର ଗ୍ରାମର ମୁନା ସେଠୀ(୪୫)। ଗୁରୁବାର ସକାଳେ ଦିଗପହଣ୍ଡି ଥାନା ଏଏସଆଇ କହ୍ନେଇ ମିର୍ଦ୍ଧା ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ବୁଧବାର ପୂର୍ବାହ୍ନ ପ୍ରାୟ ସାଢ଼େ ୧୦ ଟାରେ ଅଟୋ ଦୁର୍ଘଟଣା ହୋଇଥିଲା। ତାଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିଥିଲା।

ଦିଗପହଣ୍ଡି ସହର ଉପକଣ୍ଠ କନ୍ୟା କୁମାରୀ ପେଟ୍ରୋଲ ପମ୍ପ ସମ୍ମୁଖ ୧୭ ନଂ ରାଜ୍ୟ ରାଜପଥରେ ବୁଧବାର ଅପରାହ୍ନରେ ସ୍କୁଟି (ନଂ. ଓଡ଼ି୦୭ ବିଏ -୪୮୬୬) ଓ ବାଇକ (ନଂ. ଓଡ଼ି୩୨ ଜି-୩୯୯୭) ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ଜଣେ ଯୁବକ ମୃତ୍ୟୁବରଣ କରିଥିବା ବେଳେ ୨ ଜଣ ଆହାତ ହୋଇଛନ୍ତି। ମୃତକ ଜଣକ ହେଲେ ସାନଖେମୁଣ୍ଡି ବ୍ଲକ ପାଟପୁର ଥାନା ସାତପେଣ୍ଠ ଗୋପାଳପୁର ଗ୍ରାମର ଶିବ ଗୌଡ଼(୨୮)। ଆହତ ଦ୍ୱୟ ହେଲେ ଏସ.ଗୋପାଳପୁର ଗ୍ରାମର ଶ୍ୟାମ ଗୌଡ଼(୩୫) ଏବଂ କେ.ନୂଆଗାଁ ଥାନା ଗୋପୀନାଥପୁର ଗ୍ରାମର ଚନ୍ଦ୍ର ନାୟକ(୪୦)। ଅପରାହ୍ନ ପ୍ରାୟ ୪ଟାରେ ଏହି ଦୁର୍ଘଟଣା ଘଟିଥିଲା। ସ୍ଥାନୀୟ ଲୋକେ ଶିବଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶିବଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଆହତ ଦ୍ୱୟ ଚିକିତ୍ସାଧୀନ ଅଛନ୍ତି। ଦିଗପହଣ୍ଡି ପୁଲିସ ଟିମ୍ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇଛନ୍ତି। ପୁଲିସ ପକ୍ଷରୁ କୌଣସି ସବିଶେଷ ସୂଚନା ମିଳିପାରିନାହିଁ।

## ମହିଳାଙ୍କୁ ଅସଦାଚରଣ; ଯୁବକ ଗିରଫ

ବୁଗୁଡା,୫ ।୩(ସମିସ): ବୁଗୁଡ଼ା ଥାନା ଅଞ୍ଚଳର ଜଣେ ବିବାହିତା ମହିଳାଙ୍କୁ ଅସଦାଚରଣ ଅଭିଯୋଗରେ ଜଣେ ଯୁବକକୁ ପୁଲିସ ଗିରଫ କରିଛି। ଗିରଫ ଯୁବକ ହେଲେ ଆସ୍କା ଥାନା ଅନ୍ତର୍ଗତ ଝଗଡ଼େଇ ଗ୍ରାମର ଉଦିତ କୁମାର ପାଢି (୩୦)। ଏନେଇ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତା କହିଛନ୍ତି। ଆସ୍କା ଥାନା ଅଞ୍ଚଳର ଜଣେ ବିବାହିତା ମହିଳା ବାଲିପଦର ଅଞ୍ଚଳରେ କିଛିବର୍ଷ ହେଲା ରହିଆସୁଥିଲେ। ମହିଳାଙ୍କ ସ୍ୱାମୀ ସହ ଉଦିତଙ୍କ ଘନିଷ୍ଠତା ଥିଲା। ଏହାର ସୁଯୋଗ ନେଇ ଉଦିତ ମହିଳାଙ୍କ ସହ ସମ୍ପର୍କ ସ୍ଥାପନ କରିଥିଲା। ତେବେ ଉଦିତ ଗତ ଫେବୃୟାରୀ ୨୬ ଦିନ ପାର୍ବତୀଙ୍କ ଘରେ ପଶି ତାଙ୍କୁ ଅସଦାଚରଣ କରିବା ସହ ଧମକଚମକ ଦେଇଥିଲା। ଏନେଇ ପାର୍ବତୀଙ୍କ ଅଭିଯୋଗ କ୍ରମେ ପୁଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଛି।

## ବନ୍ଧୁକ ଜବତ, ଦୁଇ ଗିରଫ



ଭଞ୍ଜନଗର,୫ ।୩(ସମିସ): ଭଞ୍ଜନଗର ପୁଲିସ ବନ୍ଧୁକ ଜବତ କରିବା ସହ ଦୁଇ ଜଣଙ୍କୁ ଗିରଫ କରିଛି। ଭଞ୍ଜନଗର ଥାନା ଜିଲୁଣ୍ଡି ଗ୍ରାମ ବଡ଼ଦାଣ୍ଡସାହିରେ ଜନସାଧାରଣଙ୍କୁ ଆତଙ୍କିତ କରିବା ଏବଂ ଦାଦାବଟି ଆଦାୟ କରିବା ପାଇଁ ଉଦ୍ୟମ କରୁଥିବା ଏହି ଗ୍ରାମର ତପନ କୁମାର ପ୍ରଧାନ ଓରଫ ବାଘ ନାମକ ଜଣେ ଯୁବକ ଗୋଟିଏ ୭.୬୫ଏମ୍ଏମ୍ ପିସ୍ତଲ ରଖିଥିବା ପୁଲିସ ସୂଚନା ପାଇଥିଲା। ତେଣୁ ଜିଲୁଣ୍ଡି ଗ୍ରାମରେ ଚଢ଼ଉ କରି ତପନ ଏବଂ ତାର ସହଯୋଗୀ ସନିଆ ଗୌଡ଼ଙ୍କୁ ବେଆଇନ ଅସ୍ତ୍ରଶସ୍ତ୍ର ରଖିବା ଅଭିଯୋଗରେ ଗିରଫ କରି କୋର୍ଟଚାଲାଣ କରିଛି।

## ରାମଚଣ୍ଡୀ ପାହାଡ଼ରେ ନିଆଁ

ଗଞ୍ଜାମ,୫ ।୩(ସମିସ): ଗଞ୍ଜାମ ବ୍ଲକ ଅନ୍ତର୍ଗତ କରପଡା ପଞ୍ଚାୟତ ନୀଳାଦ୍ରିପୁର ଗ୍ରାମ ନିକଟରେ ରହିଥିବା ପ୍ରସିଦ୍ଧ ମା'ରାମଚଣ୍ଡୀ ମନ୍ଦିର ପାଦ ଦେଶରେ ବୁଧବାର ପୂର୍ବାହ୍ନ ସମୟରେ ନିଆଁ ଲାଗି ଯାଇଥିଲା। ଶୁଖିଲା ପତ୍ର ଓ ପବନ ପ୍ରଭାବରେ ନିଆଁ ଚାରିଆଡେ ବ୍ୟାପିବାକୁ ଲାଗିଥିଲା। ଛତ୍ରପୁର ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। କୌଣସି ବ୍ୟକ୍ତି ରାସ୍ତାରେ ଯାଉଥିବା ସମୟରେ ସୋଗାରେଟ ପିଇ ଫିଙ୍ଗି ଦେଇଥିବା କାରଣରୁ ନିଆଁ ଲାଗିଯାଇଥିବା ସନ୍ଦେହ କରାଯାଉଛି।

## ବାହାଘର ଶୋଭାଯାତ୍ରାରେ ଗୋଷ୍ଠୀ ସଂଘର୍ଷ,୩ ଗିରଫ

ଶେରଗଡ଼,୫ ।୩(ସମିସ): ଶେରଗଡ଼ ଥାନା ଡେଙ୍ଗାପଦର ଗ୍ରାମରେ ବାହାଘର ଶୋଭାଯାତ୍ରାରେ ଡିଜେ ଶୋଭାଯାତ୍ରାକୁ ନେଇ ଉଭୟ ଗୋଷ୍ଠୀଙ୍କ ଭିତରେ ସଂଘର୍ଷ ଘଟିଛି। ଡେଙ୍ଗାପଦର ଗ୍ରାମରେ ଗତ ୨୫ ତାରିଖ ଦିନ ଦୁଇ ସାହିର ଦୁଇ ଗୋଷ୍ଠୀର ବାହାଘର ଶୋଭାଯାତ୍ରା ବାହାରିଥିଲା। ଏହି ଶୋଭାଯାତ୍ରା କିଛି ସମୟ ଯିବାପରେ ଡିଜେ ଖରାପ ହେବା ସହ ଶୋଭାଯାତ୍ରା ଅଧାରେ ଅଟକି ଯାଇଥିଲା। ଏହାକୁ ନେଇ ଅନ୍ୟ ଏକ ଗୋଷ୍ଠୀ ଟାହିଟାପରା କରିଥିଲେ ଏବଂ ଧସ୍ତାଧସ୍ତି ହୋଇଥିଲେ। କଥା ଏଇଠି ସମାଧାନ ହୋଇନଥିଲା। ୨୭ ତାରିଖ ଦିନ ଶଙ୍କର ଗୌଡ ନିଜର କୌଣସି କାମରେ ସାଙ୍ଗ ଜିତେନ୍ଦ୍ର ଗୌଡଙ୍କୁ ଧରି ନିଜ ବାଇକରେ ଯାଉଥିଲେ। ଏହି ସମୟରେ ବିପକ୍ଷ ଗୋଷ୍ଠୀର ବିକ୍ରମ ସେଠୀ(୨୭), ରାଜକୁମାର ସେଠୀ(୧୯), ଶିବରାମ ସେଠୀ(୧୯) ଶଙ୍କରଙ୍କୁ ଅଟକାଇବା ସହିତ ଠେଙ୍ଗାରେ ଆକ୍ରମଣ କରିଥିଲେ। ଆକ୍ରମଣରେ ଶଙ୍କର ବେହୋସ ହୋଇଯାଇଥିଲେ। ଶଙ୍କରଙ୍କୁ ଆକ୍ରମଣ ହେବାର ଶୁଣି ନାରାୟଣ ଘଟଣାସ୍ଥଳକୁ ଆସିଥିଲେ ଏବଂ ନାରାୟଣଙ୍କୁ ମଧ୍ୟ ଆକ୍ରମଣ ହୋଇଥିଲା। ବିପକ୍ଷ ଗୋଷ୍ଠୀର ଏହି ଆକ୍ରମଣରେ ୩ ଜଣ ଆହତ ହୋଇ ଚିକିତ୍ସିତ ହୋଇଥିଲେ। ଶଙ୍କରଙ୍କ ଏତଲାକୁ ଆଧାର କରି ଶେରଗଡ ଥାନାରେ ୬୮/୨୬ ରେ ମାମଲା ରୁଜୁ ହେବା ସହ ଅଭିଯୁକ୍ତ ବିକ୍ରମ ସେଠି, ରାଜକୁମାର ସେଠି ଓ ଶିବରାମ ସେଠିଙ୍କୁ ଗିରଫ କରାଯାଇଥିବା ପୁଲିସ କହିଛି।

## ନ୍ୟାୟ ପାଇଁ ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ମହିଳା



ଛତ୍ରପୁର,୫ ।୩(ସମିସ): ନ୍ୟାୟ ପାଇଁ ଗଂଜାମ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି ଜଣେ ଅସହାୟ (ଅନୁସୂଚିତ ଜାତି) ମହିଳା ମୁନି ନାୟକ। ଗଞ୍ଜାମ ଏସ୍‌ପିଙ୍କ ଅନୁପସ୍ଥିତିରେ ଅତିରିକ୍ତ ଏସ୍‌ପିଙ୍କୁ ଭେଟି ଗୁହାରୀ କରିଛନ୍ତି। ଏପରି ଘଟଣା ଦେଖିବାକୁ ମିଳିଛି ଆସିକା ଥାନା ଅଞ୍ଚଳରେ। ଗତ ୨ ତାରିଖ ଦିନ ମୁନୀ ତାଙ୍କ ଦୋକାନରେ ଚା' ପ୍ରସ୍ତୁତ କରିବା ସମୟରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ହଠାତ୍ ଟୁନା ଚୌଧୁରି ମରଣାନ୍ତକ ଆକ୍ରମଣ କରିଥିଲା। ଏନେଇ ସେ ଆସିକା ପୁଲିସକୁ ଜଣାଇଥିଲେ ମଧ୍ୟ ଟୁନାଙ୍କୁ କୋର୍ଟ ଚାଲାଣ ନକରି ଥାନାରୁ ଛାଡ଼ିଦେଇଥିବାରୁ ସେ ଭୟଭୀତ ଅବସ୍ଥାରେ ଅଛନ୍ତି। ଏଣୁ ଟୁନାକୁ ଗିରଫ କରି କୋର୍ଟ ଚାଲାଣ କରିବାକୁ ସେ ଏକ ଲିଖିତ ଅଭିଯୋଗପତ୍ର ଏସ୍‌ପିଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଛନ୍ତି। ଅନ୍ୟପଟେ ଟୁନା ଜାମିନରେ ଆସିଛନ୍ତି, ତାଙ୍କ ଉପରେ କଡ଼ା ନଜର ରଖାଯାଇଛି ବୋଲି ଆସିକା ଥାନା ପୁଲିସ କହିଛି।

## ସବୁଜ ବାହିନୀର ନିଆରା ହୋଲି




ବ୍ରହ୍ମପୁର,୫ ।୩(ସମିସ): ବ୍ରହ୍ମପୁର ସବୁଜ ବାହିନୀ ପକ୍ଷରୁ ନିଆରା ଭାବେ ହୋଲି ପର୍ବ ପାଳନ କରାଯାଇଛି। ବୃକ୍ଷକୁ ଭଲ ପାଇବା ଓ ଏହାର ସୁରକ୍ଷା ନେବା ଲାଗି ଲୋକଙ୍କୁ ସଚେତନ କରାଯାଇଛି। ମନୁଷ୍ୟ ଓ ବୃକ୍ଷ ସାଥୀ ହୋଇ ପ୍ରକୃତିର ନିତିଦିନିଆ ଜୀବନ ଅତିବାହିତ କରୁଥିବାରୁ ଏହି ସମ୍ପର୍କକୁ ଆହୁରି ଦୃଢ଼ କରିବା ପାଇଁ ପ୍ରାକୃତିକ ଭାବେ ପ୍ରସ୍ତୁତ ନିମପତ୍ର, ହଳଦୀ, ଗୋବର ଏବଂ ଧଳାଚୂର୍ଣ୍ଣର ମିଶ୍ରଣରେ ପ୍ରସ୍ତୁତ ହୋଲିରେ ବୃକ୍ଷକୁ ଲେପ କରାଯାଇଥିଲା। ଗଛର ମୂଳକୁ ଉଈ ଏବଂ ବିଭିନ୍ନ ପୋକ ଦାଉରୁ ରକ୍ଷା କରିବାକୁ ଏପରି କରାଯାଇଥିଲା। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ବଟାନୀ ପ୍ରଫେସରଙ୍କ ପରାମର୍ଶରେ ଏହି ପ୍ରାକୃତିକ ହୋଲି ମିଶ୍ରଣ ପ୍ରସ୍ତୁତ କରାଯାଇଥିଲା। ଯାହା ବୃକ୍ଷ ଓ ମନୁଷ୍ୟ ଭିତରେ ଭଲ ପାଇବା ଆହୁରି ବଢ଼ାଇ ଥାଏ ବୋଲି ବ୍ରହ୍ମପୁର ସବୁଜ ବାହିନୀ ସଭାପତି ଶିବରମ ପାଣିଗ୍ରାହୀ କହିଛନ୍ତି। କାର୍ଯ୍ୟକ୍ରମରେ ବ୍ରହ୍ମପୁର ସବୁଜ ବାହିନୀର ସମ୍ପାଦକ ସାଗର ପ୍ରସାଦ ପାତ୍ର, ସଦସ୍ୟ ଏ. ପ୍ରକାଶ, ଅନୀଲ ଚୌଧୁରୀ, ପି. ବିନୋଦ, ଗଣେଶ ପାଣିଗ୍ରାହୀ, ରବି ସାହୁ, ପ୍ରବୀଣ ନାୟକ, ମୁନା ଶତପଥୀ, ସହନ କୁମାର, ପ୍ରକାଶ ଗୁପ୍ତା, କେ. ଅଭିଷେକ, ବାଲାଜୀ ବେହେରା, ସଞ୍ଜୟ ସାମନ୍ତରାୟ, ଏମ. ଦିଲ୍ଲୀପ କୁମାର, ପ୍ରଣୟ ସାହୁ, ଦୀପକ ପାତ୍ର ଓ ବନମାଳୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

### ଯୁବକକୁ ଗୁଳିମାଡ଼ ଘଟଣାର ପର୍ଦ୍ଦାଫାସ୍

## 'ନିଜ ବନ୍ଧୁକରୁ ବାଜିଥିଲା ଗୁଳି; ରଚିଥିଲେ ମିଥ୍ୟା ନାଟକ'

ପୁରୁଷୋତ୍ତମପୁର,୫।୩(ସମିସ): ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ଅରଖପୁର ଗ୍ରାମ ସାଗର ବେହେରାଙ୍କୁ ଗତ ୨ ତାରିଖ ସକାଳେ ଗୁଳିମାଡ଼ ହୋଇଥିଲା। ବ୍ରହ୍ମପୁର ମେଡିକାଲରେ ସେ ଚିକିତ୍ସିତ ହେଉଛନ୍ତି। ଯୁବକଙ୍କ କହିବା ଅନୁସାରେ, ସକାଳେ ଗାଁ ନିକଟ ପୋଖରିକୁ ଶୌଚ ପାଇଁ ଯାଇଥିବା ବେଳେ ରାସ୍ତାରେ ଶୁଣ୍ଡିବାଙ୍କଠାରେ ଦୁଇଜଣ ମୁଖାଧାରୀ ଯୁବକ ଚାଲି ଚାଲି ଆସି ତାଙ୍କ ଗୋଡ଼କୁ ଗୁଳିକରି ଚାଲିଯାଇଥିଲେ। ଥାନା ଅଧିକାରୀ କୁଳମଣି ସେଠି ବ୍ରହ୍ମପୁର ମେଡିକାଲକୁ ଯାଇ ଯୁବକକୁ ଭେଟିବା ସହ ତାଙ୍କ ଅଭିଯୋଗ ଅନୁସାରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ।



**୨ ସହଯୋଗୀ ଗିରଫ, ମିଳିନି ବନ୍ଧୁକ**

କିନ୍ତୁ ଅରଖପୁର ଗ୍ରାମ ପାଖରେ ଘଟଣା ଘଟିନଥିବା ଜାଣିବାପରେ ଆହାତ ସାଗର ଉପରେ ପୁଲିସର ସନ୍ଦେହ ଆସିଥିଲା। ଆହତ ସାଗରକୁ ମେଡିକାଲ ନେଇଥିବା ୨ ଯୁବକଙ୍କୁ ଆଣି ତଦନ୍ତ ପରେ ସତ୍ୟାସତ୍ୟ ଜଣାପଡ଼ିଥିଲା। ଗୁରୁବାର ସନ୍ଧ୍ୟାରେ ପୁଲିସ ସାମ୍ବାଦିକ ସମ୍ମିଳନୀ କରି ଉକ୍ତ ଘଟଣାର ରହସ୍ୟ ଉନ୍ମୋଚନ କରିବା ସହ ଏନେଇ ସୂଚନା ଦେଇଛନ୍ତି ପୁରୁଷୋତ୍ତମପୁର ଏସଡିପିଓ ସୁଜିତ କୁମାର ନାୟକ। ତାଙ୍କ ସୂଚନା ଅନୁଯାୟୀ, ଅରଖପୁରର ସାଗର ବେହେରା ଜଣେ ଅସାମାଜିକ ଯୁବକ। ବିଭିନ୍ନ ଥାନାରେ ତାଙ୍କ ନାମରେ ବହୁ ମାମଲା ରହିଛି। ସାଗରଙ୍କୁ କେହି ଗୁଳିମାଡ଼ କରିନଥିଲେ ବରଂ ସେ ଗୋଟିଏ ପିସ୍ତଲକୁ ଧରି ଯାଞ୍ଚ କରିବାବେଳେ ଗୁଳି ଫୁଟି ନିଜ ଜଙ୍ଘରେ ବାଜିଥିଲା। ସାଙ୍ଗଙ୍କ ସହ ବ୍ରହ୍ମପୁର ନିକଟସ୍ଥ ଏକ ରୁମରେ ଥିବା ବେଳେ ଏହା ଘଟିଥିଲା। ସାଗରଙ୍କ ଦୁଇ ସାଙ୍ଗ ତାଙ୍କୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଇଥିଲେ। ତାଙ୍କୁ ଗୁଳିମାଡ଼ ହୋଇଥିବା ଥାନାରେ ଅଭିଯୋଗ କରିଥିଲେ। ସାଗରଙ୍କୁ ତାଙ୍କ ରୁମରୁ ଏମକେସିଜି ମେଡିକାଲକୁ ନେଇଥିବା ଦୁଇ ସହଯୋଗୀଙ୍କୁ ପଚରା ଉଚରା ପରେ ସତ୍ୟତା ଜଣାପଡ଼ିବାରୁ ଗିରଫ କରିଛି। ଜଣେ ନାବାଳକ ହୋଇଥିବାବେଳେ ଅନ୍ୟଜଣେ ସାଗରଙ୍କ ମୁଖ୍ୟ ସହଯୋଗୀ ରାହୁଲ ପ୍ରଧାନ (୨୩)। ଗୁଳି ଫୁଟିଥିବା ପିସ୍ତଲ ସାଗରଙ୍କ ସାଙ୍ଗଙ୍କ ନିକଟରେ ଥିବା ବେଳେ ସେମାନେ ଫେରାର ଅଛନ୍ତି। ସାଗର ସୁସ୍ଥ ହେବା ପରେ ସେ ମଧ୍ୟ ଗିରଫ ହେବେ। ଗିରଫ ପରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି ପୁଲିସ। ଉକ୍ତ ଘଟଣାରେ ସମ୍ପୃକ୍ତ ଅନ୍ୟମାନଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ଥାନା ଅଧିକାରୀ କୁଳମଣୀ ସେଠି କହିଛନ୍ତି।

## ମନ୍ଦିରକୁ ଫେରିଲେ ଚନ୍ଦ୍ରଶେଖର ଓ ମଦନମୋହନ

**● ଉଦ୍‌ଯାପିତ ହେଲା ଦୋଳଯାତ୍ରା**



କୋଦଳା,୫ ।୩(ସମିସ): ଦୀର୍ଘ ସାତଦିନର ଯାତ୍ରା ଶେଷ କରି ଗୁରୁବାର ନିଜସ୍ୱ ମନ୍ଦିରକୁ ଫେରିଲେ ବାବା ଦଣ୍ଡିଶ୍ୱର ମହାଦେବଙ୍କ ବିଜେ ପ୍ରତିମା ଚନ୍ଦ୍ର ଶେଖର ଏବଂ ଜଗନ୍ନାଥଙ୍କ ବିଜେ ପ୍ରତିମା ମଦନ ମୋହନ। ଦୀର୍ଘ ଦିନର ଏହି ଯାତ୍ରାରେ ଅଞ୍ଚଳ ତଥା ଅଞ୍ଚଳ ବାହାର ଯାତ୍ରାପ୍ରେମୀ ତଥା ଭକ୍ତଙ୍କ ସମାଗମ ଲାଗି ରହିଥିଲା। ମୁଖ୍ୟଯାତ୍ରାରେ ଆତସବାଜି ପ୍ରଦର୍ଶନ ବନ୍ଦ ରହିଥିବା ବେଳେ ସାଂସ୍କୃତିକ କାର୍ଯ୍ୟକ୍ରମ ଭାରତ ଲୀଳା ସାଙ୍ଗକୁ ରାମାୟଣ ନାଟକ ଯାତ୍ରାପ୍ରେମୀଙ୍କୁ ଭରପୁର ଉତ୍ସାହର ଖୋରାକ ଯୋଗାଇଥିଲା। ଫେବୃଆରୀ ୨୭ ତାରିଖରୁ ଧୁମଧାମରେ ଚାଲିଥିବା ଦୋଳଯାତ୍ରାରେ କୋଦଳା ବିଜେ ଆରାଧ୍ୟ ଦେବତା ବାବା ଶ୍ରୀ ଦଣ୍ଡିଶ୍ୱର ମହାଦେବ ଏବଂ ବିଶ୍ୱ ନିୟନ୍ତା ଜଗତର ନାଥ ଜଗନ୍ନାଥଙ୍କ ଚଳନ୍ତି ପ୍ରତିମା ପ୍ରତ୍ୟକ ଦିନ ବିଳମ୍ବିତ ରାତ୍ରରେ ବିରାଟ ପଟୁଆରରେ ନିଜ ନିଜର ସୁସଜ୍ଜିତ ସ୍ୱତନ୍ତ୍ର ଚୌଦୋଳ ବିମାନରେ ନିଜ ନିଜ ମନ୍ଦିରରୁ ବାହାରି ଗ୍ରାମର ପ୍ରତ୍ୟକ ଦୁଆରୁ ଭୋଗ ଖାଇ ଯାତ୍ରାପଦାରେ ହରିହର ଭେଟ ହୋଇ ସମସ୍ତ ଗ୍ରାମ ପରିକ୍ରମା କରି ପନ୍ତିଭୋଗ ଖାଇବା ସହିତ ରାଜାଗ୍ନୀରେ ଅଗ୍ନି ସଂଯୋଗ କରି ନିଜ ନିଜ ମନ୍ଦିରକୁ ଫେରୁଥିବା ବେଳେ ମଙ୍ଗଳବାର ଗ୍ରହଣରେ ଦିନସାରା ମନ୍ଦିରରେ ରହି ବୁଧବାର ବିଳମ୍ବିତ ରାତ୍ରରେ ପୁଣି ବାହାରି ଗ୍ରାମ ପରିକ୍ରମା କରିବା ସହିତ ଯାତ୍ରାମଣ୍ଡପରେ ପ୍ରବେଶ କରିଥିଲେ।

# ବିଭିନ୍ନ ସ୍ଥାନରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ

ପୋଲସରା,୫ ।୩(ସମିସ)





ପୋଲସରା ବସଷ୍ଟାଣ୍ଡ ପରିସରରେ ପୋଲସରା ବିଜେଡି ପକ୍ଷରୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୧୦ତମ ଜୟନ୍ତୀ ପାଳିତ ହୋଇଯାଇଛି। ପୂର୍ବତନ ମନ୍ତ୍ରୀ ଶ୍ରୀକାନ୍ତ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ସଭାପତି ସୁରେନ୍ଦ୍ରନାଥ ପ୍ରଧାନ, ଏନ୍ଏସି ସଭାପତି ଗୋପାଳ ସାହାଣୀ, ଏନଏସି ଅଧ୍ୟକ୍ଷା ସଙ୍ଗିତା ବେହେରା, ଉପାଧ୍ୟକ୍ଷ ସନ୍ତୋଷ କୁମାର ବେହେରା, ବ୍ଲକ ଉପାଧ୍ୟକ୍ଷ କାହ୍ନୁଚରଣ ପରିଡ଼ା, ଜିଲ୍ଲା ପରିଷଦ ମେମ୍ବର ଅଶୋକ ବିଷୋୟୀ, ବିକ୍ରମ ନାୟକ, ଝୁନୁ ଦାସ ଓ ସୁକାନ୍ତ ଭୂୟାଁ, କନକ ମଞ୍ଜରୀ ରାଉତ, କବିରାଜ ଦାସ, ଦୀପିକା ବାରିକ, ପବିତ୍ର ରାଉତ, ସନ୍ତୋଷ ପାତ୍ର, ବିଜୟ କୁମାର ଭୂୟାଁ, ଉତ୍କଳ ପ୍ରଧାନ, ସୁଶିତ ସାହୁ, ବାସୁଦେବ ନାୟକ, ସୁଶାନ୍ତ ପୋଲାଇ, ସିଲୁ ଦଳେଇ, କାର୍ତ୍ତିକ ଜେନା, ବୁଲୁ ବେହେରା, ଗୋରାଚାନ୍ଦ ସାହୁଙ୍କ ସମେତ ଅନେକ ସରପଞ୍ଚ ଓ ସମିତି ସଭ୍ୟ, ଏନ୍ଏସିର କାଉନସିଲର, ଉଭୟ ବ୍ଲକ ଓ ଏନ୍ଏସିର ଦଳୀୟ କର୍ମୀ ଓ ବିଜୁ ପ୍ରେମୀ ଯୋଗଦେଇଥିଲେ।

ଆସିକା: ଆସିକାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ସାଂସଦ ପ୍ରମିଳା ବିଷୋୟୀ, ବ୍ଲକ ସଭାପତି ବିଦ୍ୟୁତ ଚର୍ଚ୍ଚି, ବିଜେଡି ନେତା ତଥା ଦକ୍ଷିଣାଞ୍ଚଳ ଜୋନ ସରପଞ୍ଚ ସଙ୍ଘ ସଭାପତି ଭବାନୀ ଶଙ୍କର ମଲିକ, ସରପଞ୍ଚ ରବୀନ୍ଦ୍ର ପୋଲାଇ, ମନୋଜ ପାରିଡା, ଜୟନ୍ତୀ ବେହେରା, ସମିତି ସଭ୍ୟ ରୁନୁ ସାହୁ, ଅରୁଣ ଦଳେଇ, ତ୍ରିନାଥ ବେହେରା, ସନ୍ତୋଷ ନାହାକ, ଦିଲୀପ କୁମାର ପାଣିଗ୍ରାହୀ, ନଚିକେତା ସ୍ୱାଇଁ, ଜିଲ୍ଲା ପରିଷଦ ସଭ୍ୟ ମନୋଜ ଦୋରା, ନଗର ସଭାପତି ତାରିଣୀ ସେନାପତି, ଯୁବ ଛାତ୍ର ନେତା କାହ୍ନୁ ଦଳେଇ, ଜିତେନ୍ଦ୍ର ମହାରଣା, ନିଗମ ରାଉତ, ପ୍ରତାପ ଚନ୍ଦ୍ର ପ୍ରଧାନ, ସନ୍ତୋଷ ନାହାକ, ମଧୁସୂଦନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

ଦିଗପହଣ୍ଡି: ଦିଗପହଣ୍ଡିରେ 'ବିଜୁ ବାବୁଙ୍କ ଅବଦାନ' ଶୀର୍ଷକ ଆଲୋଚନାଚକ୍ରରେ ଦିଗପହଣ୍ଡି ଏନଏସିର ପୂର୍ବତନ ଅଧ୍ୟକ୍ଷ ଭି.ରବି ନାରାୟଣ ରାଜୁ ଅଧ୍ୟକ୍ଷତା କରିଥିଲେ। ବିଜେଡ଼ି ବ୍ଲକ ସଭାପତି କେ.ତାରକେଶ୍ୱର ଦୋରା, ଦିଗପହଣ୍ଡି ନଗର କମିଟି ସଭାପତି ତାରାପ୍ରସାଦ ପଟ୍ଟନାୟକ, ବର୍ଷୀୟାନ କୃଷକ ନେତା ଶମ୍ଭୁ ପଣ୍ଡା, ପୂର୍ବତନ ଏନଏସି ଅଧ୍ୟକ୍ଷ ହୃଦୟ ରଞ୍ଜନ ମେକାପ, ପୂର୍ବତନ କାଉନସିଲର ନିରୁପମା ପଟ୍ଟନାୟକ, ନଗର ବିଜେଡ଼ି ମହିଳା ସଭାନେତ୍ରୀ ଅନିତା ବେହେରା ପ୍ରମୁଖ ମଞ୍ଚାସିନ ଥିଲେ।

କବିସୂର୍ଯ୍ୟନଗର: କବିସୂର୍ଯ୍ୟନଗରରେ ଆସିକା ସାଂସଦ ପ୍ରାର୍ଥୀନୀ ଡ଼ଃ.ରଂଜିତା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନଗର ବିଜେଡି ସଭାପତି ଭଗବାନ ସ୍ୱାଇଁ, କୁମର ଜେନା, ପ୍ରଫୁଲ୍ଲ ସାହୁ, ବିଜୟ ପ୍ରଧାନ, ରବି ନାହାକ, ବାବୁ ନାୟକ ପ୍ରମୁଖ ଶତାଧିକ କର୍ମୀ ସାମିଲ ହୋଇଥିଲେ। ସେହିପରି ମ୍ୟୁନିସିପାଲିଟି ବିଜେଡି ପକ୍ଷରୁ ମନୋରଞ୍ଜନ ମହାପାତ୍ରଙ୍କ ନେତୃତ୍ୱରେ ବସଷ୍ଟାଣ୍ଡରୁ ଏକ ବାଇକ ରାଲି ବାହାରି ଆଇବି ଛକ ସ୍ଥିତ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେଇଥିଲେ। ଏଥିରେ ବ୍ରଜସୁନ୍ଦର ମଲିକ, ଲକ୍ଷ୍ମୀପ୍ରିୟା ସାହୁ, ସୂର୍ଯ୍ୟନାରାୟଣ ନାୟକ, ରସଲ ଦାସ, ପ୍ରଶ୍ନ ନାୟକ, ତୋଫାନ ଆଚାରୀ ପ୍ରମୁଖ ଶତାଧିକ କର୍ମୀ ଯୋଗ ଦେଇଥିଲେ।

ଛତ୍ରପୁର: ଛତ୍ରପୁର ବିଜେଡି ପକ୍ଷରୁ ପୂର୍ବତନ ବିଧାୟକ ସୁବାଷ ଚନ୍ଦ୍ର ବେହେରାଙ୍କ ନେତତ୍ୱରେ ବିଜେଡି କର୍ମୀ ଓ ନେତୃ ମଣ୍ଡଳୀ ଉପସ୍ଥିତ ରହି ଛତ୍ରପୁର ସ୍ଥିତ ଲୋଏର ବସଷ୍ଟାଣ୍ଡ ଠାରେ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏଥିରେ ନବ ନିର୍ବାଚିତ ଛତ୍ରପୁର ବ୍ଲକ ସଭାପତି ତଥା ଶ୍ରମିକ ନେତା ଏସ. ଚକ୍ରପାଣି ରେ‡ୀ, ଗଞ୍ଜାମ ବ୍ଲକ ସଭାପତି ରଞ୍ଜନ ପଲାଇ, ଛତ୍ରପୁର ନଗର ସଭାପତି ବି. ରାଜୁବାବୁ, ଗଞ୍ଜାମ ଏନଏସି ସଭାପତି ସୁଧୀର ପାଢ଼ୀ, ରମ୍ଭାଏନଏସି ସଭାପତି ଶ୍ରୀକାନ୍ତ ବିଶ୍ୱାଳ, ବରିଷ୍ଠ ବିଜେଡି ନେତା ପ୍ରଶାନ୍ତ କୁମାର କର ଓ ବାନାମ୍ବର ପଲାଇ, ଜିଲ୍ଲା ପରିଷଦ ସଭ୍ୟ ସନାତନ ବେହେରା, ବିପୁଲିଙ୍ଗି ସରପଞ୍ଚ ହିନା ସେଠୀ, ଆଇନଜୀବୀ ମନୋଜ କୁମାର ପାଢ଼ୀ, ଏଲ. ଗୋପାଳ ରାଓ ଓ ଭୈରବୀ କୁମାର ପଟ୍ଟନାୟକ, ଯୁବନେତା ଟି. ଚନ୍ଦ୍ର ଶେଖର ରାଓ, ଅଟଳ ବିହାରୀ ପଟ୍ଟନାୟକ, ସୁରେଶ ଦାଶ,ଅଭିରାମ ପ୍ରଧାନ, ରାଜେଶ ମହାରଣା, ଟିକିନା ଗୌଡ଼, ପୂର୍ବତନ ସରପଞ୍ଚ ଶରତ ଖୁଣ୍ଟିଆ, ଗଗନ ସ୍ୱାଇଁ, କାହ୍ନୁଚରଣ ବେହେରାଙ୍କ ସମେତ ନିର୍ବାଚନ ମଣ୍ଡଳୀର ବହୁ ନେତା ଓ କର୍ମୀ ମାନେ ଯୋଗଦେଇଥିଲେ।

ବୁଗୁଡା: ବୁଗୁଡ଼ାରେ ପୂର୍ବତନ ଶ୍ରମ ମନ୍ତ୍ରୀ ଶ୍ରୀକାନ୍ତ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ବିଜେଡି ସଭାପତି ଖଦାଳ ଖଟେଇ, କାର୍ଯ୍ୟକାରୀ ସଭାପତି କବିରାଜ ଗୌଡ଼, ସମ୍ପାଦକ ହରହର ବିଷୋୟୀ, ଏନଏସି ସଭାପତି କେ.ତ୍ରିଲୋଚନ ଦୋରା, କାର୍ଯ୍ୟକାରୀ ସଭାପତି ମନୋରଞ୍ଜନ ଦାଶ, ସମ୍ପାଦକ ଅମରେନ୍ଦ୍ର ସେନାପତି, ସରପଞ୍ଚ ପ୍ରଦୀପ କୁମାର ଜେନା, ପ୍ରକାଶ ବେହେରା, ସୁଶାନ୍ତ ପ୍ରଧାନ, ସଞ୍ଜୟ ବିଶ୍ୱାଳ ଓ ବସନ୍ତ ଶତପଥୀ ସମିତି ସଭ୍ୟ କାର୍ତ୍ତିକ ସାହାଣି, ଟିକୁ ବାରିକ ଓ ଜିତେନ୍ଦ୍ର ସ୍ୱାଇଁ, ଏନଏସି କାଉନସିଲର ଆଶୁତୋଷ ବଢେଇ ଓ ବବୁ ପ୍ରଧାନ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ବେହେରା, ପ୍ରାକ୍ତନ କାଉନସିଲର ସୁଧାଂଶୁ ଶେଖର ପାଢୀ ଓ ସୂର୍ଯ୍ୟ ନାରାୟଣ ମହାନ୍ତି, ରମଣ ନାହାକ, ଜିତେନ୍ଦ୍ର ନାୟକ, ରବିନ୍ଦ୍ର କୁମାର ପଣ୍ଡା, ଗୋପୀନାଥ ସ୍ୱାଇଁ, ନାରାୟଣ ନାୟକ, କାହ୍ନୁଚରଣ ଭୂୟାଁ, ବରୁଣ ସେନାପତିଙ୍କ ସମେତ ଶତାଧିକ କର୍ମୀ, କାର୍ଯ୍ୟକର୍ତ୍ତା ଓ ବିଜୁପ୍ରେମୀ ଯୋଗ ଦେଇଥିଲେ।

ଗଞ୍ଜାମ: ଗଞ୍ଜାମରେ ବିଜେଡି ନଗର ସଭାପତି ସୁଧୀର କୁମାର ପାଢ଼ୀଙ୍କ ନେତୃତ୍ୱରେ ଜିଲ୍ଲା ପରିଷଦ ସଭ୍ୟ ସନାତନ ବେହେରା, ପୂର୍ବତନ କାଉନସିଲର ଦଣ୍ଡପାଣି ପରିଡା, ପୂର୍ବତନ ଉପନଗରପାଳ ନୀଳାଞ୍ଚଳ ବାରିକି, ସୁଦାମ ଚରଣ ଜେନା, କାଉନସିଲର ସୁଜାତା ମହାନ୍ତି, ମହାଲକ୍ଷ୍ମୀ ନାୟକ, ସବିତା ବେହେରା, ସଂଯୁକ୍ତା ଦାଶ, ଯୁବ ନେତା ମନୋଜ ପ୍ରଧାନ, ବିଭୁତି ପଲାଇ, ପପି ମହାକୁଡ, ଗୋବିନ୍ଦ ଗୌଡ଼, ଉମା ମହାନ୍ତି, ବିଭୁ ପଲାଇ, ନିରଞ୍ଜନ ପରିଡା ପ୍ରମୁଖ ଉପସ୍ଥିତ ଥିଲେ

ଭଞ୍ଜନଗର: ଭଞ୍ଜନଗର ସହରର ବାଉଁଶଲୁଣ୍ଡି ବାଇପାସ୍ ଛକରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସେଠାରେ ପୂର୍ବତନ ମନ୍ତ୍ରୀ, ବାଚସ୍ପତି ବିକ୍ରମ କେଶରୀ ଆରୁଖ, ପୌରାଧ୍ୟକ୍ଷ ଗୋପବନ୍ଧୁ ମହାପାତ୍ର, ଉପାଧ୍ୟକ୍ଷା ଶୁଭଶ୍ରୀ ଦାସ, ବରିଷ୍ଠ ନେତା ରାଜେନ୍ଦ୍ର ପ୍ରସାଦ ପ୍ରଧାନ, ଦିବାକର ନାୟକ, ଜିଲୁଣ୍ଡି ପଞ୍ଚାୟତ ସରପଞ୍ଚ ରଞ୍ଜିତ କୁମାର ଆରୁଖ, ଶୁଳପାଣି ଶତପଥୀଙ୍କ ସମେତ ଶତାଧିକ ଦଳୀୟ କର୍ମୀ ଉପସ୍ଥିତ ଥିଲେ।





ବେଲଗୁଣ୍ଠା: ବେଲଗୁଣ୍ଠା ଏନ୍ଏସି ବିଜୁ ଜନତା ଦଳ ପକ୍ଷରୁ ବେଲଗୁଣ୍ଠା ମେନ୍‌ରୋଡ ସ୍ଥିତ କଲ୍ୟାଣ ମଣ୍ଡପଠାରେ ସ୍ୱର୍ଗତ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ଦଳର ନଗର ସଭାପତୀ ରବୀନ୍ଦ୍ର ନାଥ ମହାପାତ୍ରଙ୍କ ନେତୃତ୍ୱରେ ନଗରପାଳ ଫିରୋଜ ସେଠି, ପୂର୍ବତନ ଉପନଗରପାଳ ପ୍ରଶାନ୍ତ କୁମାର ସାହୁ, କାଉନସିଲର ଏସ୍. ଭାସ୍କର ପାତ୍ର, ପ୍ରଦୀପ କୁମାର ସେଠୀ, କାଳିଆ ସାହୁ, ଦିଲୀପ କୁମାର ଅଚାରୀ, ବିଶ୍ୱନାଥ ଦଳାଇ, ପୂର୍ବତନ କାଉନ୍‌ସିଲର କେ. ଜିତେନ୍ଦ୍ର ସୁବୁଦ୍ଧି, କାଉନସିଲର ପ୍ରତିନିଧି ରଞ୍ଜିତ ସାମଲ, ସନ୍ତୋଷ କୁମାର ସ୍ୱାଇଁ ଏବଂ ଯୁବ ବିଜେଡି ନେତା ମଣ୍ଟୁ ମହାପାତ୍ରଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

